# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**21st September - 2024**

**News Editor : *Itishree Singh Rathaur***

********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯିବ, କହିଲେ ମୁଖ୍ୟମନ୍ତ୍ରୀ ।

- ଧାନକିଣା ପ୍ରକ୍ରିୟା ଆରମ୍ଭ ହେବାମାତ୍ରେ ସୀମାନ୍ତ ଅଞ୍ଚଳକୁ ବନ୍ଦ୍ କରାଯିବ, କହିଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ।

- ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ପ୍ରଥମ ଦିନର ବୈଷୟିକ ସର୍ବେକ୍ଷଣ କାର୍ଯ୍ୟ ଶେଷ ।

ଏବଂ

- ରାଜ୍ୟରେ ଆଜିଠାରୁ ଆରମ୍ଭ ହେଲା ବୟସ୍କ ଲୋକଙ୍କ ପାଇଁ ସ୍ୱତନ୍ତ୍ର ଯକ୍ଷ୍ମା ଟିକାକରଣ କାର୍ଯ୍ୟକ୍ରମ ।

*BBSR, Keonjhar/R*

# ମୁଖ୍ୟମନ୍ତ୍ରୀ - କେନ୍ଦୁଝର

ରାଜ୍ୟରେ ଉତ୍ତମ ଚିକିତ୍ସାସେବା ଯୋଗାଇ ଦେବାକୁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । କେନ୍ଦୁଝର ଗସ୍ତର ଦ୍ୱିତୀୟ ଦିନରେ ଆଜି ମୁଖ୍ୟମନ୍ତ୍ରୀ ଏକ ସ୍ୱାସ୍ଥ୍ୟମେଳା ଉଦ୍‌ଘାଟନ କରିବା ଅବସରରେ ଏହା କହିଛନ୍ତି । ସେ କହିଛନ୍ତି, ପ୍ରତି ଜିଲ୍ଲା ମୁଖ୍ୟାଳୟରେ ଶିବିରମାନ ଆୟୋଜନ କରାଯାଇ ଲୋକଙ୍କୁ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ପ୍ରଦାନର ବ୍ୟବସ୍ଥା କରାଯାଇଛି । କେନ୍ଦୁଝର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଧରଣୀଧର ନାଏକ ମେଡିକାଲ୍ କଲେଜ ଓ ଏସ୍.ସି.ବି. ମେଡିକାଲ୍ କଲେଜର ମିଳିତ ସହଯୋଗରେ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ଯୋଗଦେଇ ରୋଗୀଙ୍କ ନିଃଶୁଳ୍କ ସେବା ପ୍ରଦାନ କରିଥିଲେ । ଜିଲ୍ଲାର ୧୩ଟି ବ୍ଲକ୍ ଏବଂ ୫ଟି ସହରାଞ୍ଚଳରେ ବହୁଲୋକ ଏହି ଶିବିରରେ ଯୋଗ ଦେଇଥିଲେ । ଏହି ଅବସରରେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ଆୟୋଜିତ ସାମାଜିକ ସଶକ୍ତୀକରଣ ଶିବିରରେ ୯୨୩ ଜଣ ହିତାଧିକାରୀଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କରାଯାଇଥିଲା । କେନ୍ଦୁଝର ଜିଲ୍ଲାପାଇଁ ମୁଖ୍ୟମନ୍ତ୍ରୀ ୧୩ଟି ଭ୍ରାମ୍ୟମାଣ ଚିକିତ୍ସା ଗାଡ଼ିର ଶୁଭାରମ୍ଭ କରିଥିଲେ ।

*Cuttack, Boudh, Bhadrak/R*

# ଉପମୁଖ୍ୟମନ୍ତ୍ରୀ - ଧାନ ସଂଗ୍ରହ

ରାଜ୍ୟ ସରକାରଙ୍କ ୧୦୦ ଦିନ କାର୍ଯ୍ୟକାଳ ପୂର୍ତ୍ତି ଅବସରରେ ଆଜି ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ତିନିଦିନିଆ ବିକାଶ ମେଳାର ଶୁଭାରମ୍ଭ ହୋଇଛି । କଟକଠାରେ ଆୟୋଜିତ ମେଳାରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, ଅଧିକ ଲାଭ ଆଶାରେ ବାହାରେ ରାଜ୍ୟର ଲୋକ ଓଡ଼ିଶାକୁ ଆସି ଧାନ ବିକ୍ରି କରିବାର ଆଶଙ୍କା ରହିଛି । ରାଜ୍ୟରେ ଚାଷୀଙ୍କଠାରୁ ଧାନକିଣା ପ୍ରକ୍ରିୟା ଆରମ୍ଭ ହେବା ମାତ୍ରେ ସୀମାନ୍ତ ଅଞ୍ଚଳକୁ ବନ୍ଦ୍ କରିଦେବାକୁ ରାଜ୍ୟ କ୍ୟାବିନେଟ୍ ଏହି ନିଷ୍ପତ୍ତି ନେଇଛନ୍ତି । ରାଜ୍ୟ ସରକାର ପ୍ରତିଶ୍ରୁତି ମୁତାବକ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩ ହଜାର ୧୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି ।  ଏହି ଅବସରରେ ମନ୍ତ୍ରୀ ଶ୍ରୀ ସିଂହଦେଓ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକ ଉପରେ ଆଲୋକପାତ କରିଥିଲେ ।

ଜଗତ୍‌ସିଂହପୁର ଜିଲ୍ଲାରେ ଆୟୋଜିତ ଅନୁରୂପ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ଜନକଲ୍ୟାଣକାରୀ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ ।

ବୌଦ ଜିଲ୍ଲା କଚେରି ପଡ଼ିଆଠାରେ ଆୟୋଜିତ ମେଳାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ରାଷ୍ଟ୍ରମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇଥିଲେ । ଓରମାସ୍‌ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ପ୍ରଦର୍ଶନୀ ମଣ୍ଡପକୁ ବୁଲି ଦେଖିଥିଲେ ।

ଏହି କାର୍ଯ୍ୟକ୍ରମରେ ସରକାରୀ ମୁଖ୍ୟ ସଚେତକ ସରୋଜ ପ୍ରଧାନଙ୍କ ସହିତ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଏବଂ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ ।

ଭଦ୍ରକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ସାଂସଦ ଅଭିମନ୍ୟୁ ସେଠୀ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ବିକାଶ ମେଳାରେ ଖୋଲାଯାଇଥିବା ପ୍ରଦର୍ଶନୀ ମଣ୍ଡପଗୁଡ଼ିକୁ ସେମାନେ ବୁଲି ଦେଖିଥିଲେ ।

***Desk***

## ବିକାଶ ମେଳା

ଅନୁଗୁଳ ନାଲ୍କୋ ନଗର ପଲ୍ଲିଶ୍ରୀ ପଡ଼ିଆଠାରେ ଆୟୋଜିତ ବିକାଶ ମେଳା କାର୍ଯ୍ୟକ୍ରମରେ ଯୋଗଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରାଜ୍ୟର ଅର୍ଥନୈତିକ ବିକାଶରେ ଅନୁଗୁଳ ଜିଲ୍ଲାର ପ୍ରମୁଖ ଭୂମିକା ରହିଛି । କାର୍ଯ୍ୟକାଳର ୧୦୦ ଦିନ ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ସେ ଆଲୋଚନା କରିଥିଲେ । ଆସନ୍ତା ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ସମ୍ପୂର୍ଣ୍ଣ ବିକଶିତ ରାଜ୍ୟ ଭାବେ ଗଠନ କରିବା ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ମନ୍ତ୍ରୀ କହିଛନ୍ତି । ବିଭିନ୍ନ ବିଭାଗଦ୍ୱାରା ଖୋଲାଯାଇଥିବା ପ୍ରଦର୍ଶନୀ ମଣ୍ଡପଗୁଡ଼ିକ ବୁଲି

ଦେଖିଥିଲେ । ଏହି କାର୍ଯ୍ୟକ୍ରମ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଗସ୍ତି ବେହେରା, ଅଶୋକ ମହାନ୍ତି ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ ।

***Puri/R***

## ଶ୍ରୀମନ୍ଦିର - ରତ୍ନଭଣ୍ଡାର ସର୍ଭେ

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା-ଏ.ଏସ୍.ଆଇ ପକ୍ଷରୁ ଆଜିଠାରୁ ଆରମ୍ଭ ହୋଇଥିବା ଶ୍ରୀମନ୍ଦିର ରତ୍ନଭଣ୍ଡାରର ବୈଷୟିକ ସର୍ବେକ୍ଷଣ କାର୍ଯ୍ୟ ପ୍ରଥମ ଦିନପାଇଁ ଶେଷ ହୋଇଛି । ପ୍ରତ୍ନତତ୍ତ୍ୱ ବିଭାଗର ତାଲିମ ପ୍ରାପ୍ତ ବିଶେଷଜ୍ଞମାନଙ୍କ ସହ ଜଷ୍ଟିସ ବିଶ୍ୱନାଥ ରଥ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ସମେତ ୨୨ ଜଣିଆ ଦଳ ଅନୁଧ୍ୟାନ କରିଛନ୍ତି। ଅନୁଧ୍ୟାନ ପରେ ଶ୍ରୀ ପାଢ଼ୀ କହିଛନ୍ତି, ପ୍ରଥମ ଦିନରେ ମୋଟ୍ ୪ ଘଣ୍ଟା ପାଇଁ ସର୍ବେକ୍ଷଣ କାର୍ଯ୍ୟ ହୋଇଥିଲା । ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ଏହି କାର୍ଯ୍ୟ ଜାରି ରହିବ ବୋଲି ସେ କହିଛନ୍ତି । ଅପରାହ୍ନ ୨ଟାଠାରୁ ଆରମ୍ଭ ହୋଇଥିବା ଏହି ସର୍ବେକ୍ଷଣ କାର୍ଯ୍ୟ ସନ୍ଧ୍ୟା ୬ଟାରେ ଶେଷ ହୋଇଛି । ରତ୍ନଭଣ୍ଡାର ମରାମତି ହେବ ପୂର୍ବରୁ ସର୍ଭେ ରିପୋର୍ଟ ଆସିବା ସହିତ ରତ୍ନଭଣ୍ଡାର ଭିତରେ ଥିବା ଗୁପ୍ତ କୋଠରୀ ଓ ଗୁପ୍ତ ସୁଡ଼ଙ୍ଗ ରହସ୍ୟ ଜଣାପଡ଼ିବାର ସମ୍ଭାବନା ଅଛି।

ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ ଏହି ସର୍ବେକ୍ଷଣ କରାଯାଉଛି। ତେଣୁ ତିନିଦିନ ପାଇଁ ଶ୍ରୀଜୀଉଙ୍କ ନୀତିକାନ୍ତି ଏବଂ ସେବା

ପୂଜାରେ ବ୍ୟାଘାତ ନ କରି ନିରୀକ୍ଷଣ ପ୍ରକ୍ରିୟା କରିବା ପାଇଁ ଆବଶ୍ୟକ ସମୟ ଦେବା ଲାଗି ବିଶେଷ ନୀତିନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି। ବିଶେଷ ନୀତିନିର୍ଘଣ୍ଟ ଅନୁସାରେ, ଦିନ ଗୋଟାଏରୁ ନିରୀକ୍ଷଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି। ଅପରପକ୍ଷରେ, ଶ୍ରୀମନ୍ଦିରରେ ଆସନ୍ତା ମଙ୍ଗଳବାରଠାରୁ ଦଶହରା ପାଇଁ ଷୋଡଶ ଉପଚାର ପୂଜା ଆରମ୍ଭ ହେବ।

***Desk***

# ଯକ୍ଷ୍ମା ନିୟନ୍ତ୍ରଣ

୨୦୨୫ ମସିହା ସୁଦ୍ଧା ଦେଶକୁ ଯକ୍ଷ୍ମାମୁକ୍ତ କରିବା ପାଇଁ  କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। କେନ୍ଦ୍ର ସରକାରଙ୍କର ନିଷ୍ପତ୍ତି ଅନୁସାରେ ଆଜିଠାରୁ ବୟସ୍କ ଲୋକଙ୍କୁ ସ୍ୱତନ୍ତ୍ର ଟୀକାକରଣ କାର୍ଯ୍ୟକ୍ରମ ମାଧ୍ୟମରେ ବିସିଜି ଟୀକା ପ୍ରଦାନ ଆରମ୍ଭ କରାଯାଇଛି । ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ରାଜ୍ୟର ୧୫ଟି ଜିଲ୍ଲାରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କ ଟିକାକରଣ ପାଇଁ ସ୍ୱତନ୍ତ୍ର ଶିବିରର ଆୟୋଜନ କରାଯାଇଛି । ପୂର୍ବରୁ ଶିଶୁମାନଙ୍କୁ ଯକ୍ଷ୍ମା ପ୍ରତିରୋଧକ ବିସିଜି ଟୀକା ଦିଆଯାଉଥିଲା।

*Desk*

## ଉପମୁଖ୍ୟମନ୍ତ୍ରୀ - ଶାରଳା ମନ୍ଦିର

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଜଗତ୍‌ସିଂହପୁର ଗସ୍ତରେ ଯାଇ ମା' ଶାରଳାଙ୍କ ମନ୍ଦିରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସମୀକ୍ଷା କରିଥିଲେ । ଏହାସହ ସେ ସେବାୟତ ଓ ବିଭାଗୀୟ ଅଧିକାରୀଙ୍କ ସହ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ । ଶ୍ରୀମତୀ ପରିଡ଼ା ଯଥାଶୀଘ୍ର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ହେବା ନେଇ ପଦକ୍ଷେପ ନେବେ ବୋଲି କହିଛନ୍ତି ।

*IPR*

## ଦିବ୍ୟାଙ୍ଗ ଆୟୁକ୍ତ

ଓଡ଼ିଶା ରାଜ୍ୟ ଦିବ୍ୟାଙ୍ଗ ଆୟୁକ୍ତ ବ୍ରତତୀ ହରିଚନ୍ଦନ କଟକସ୍ଥିତ ଏସ୍.ସି.ବି. ମେଡିକାଲ୍ କଲେଜ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଛନ୍ତି । ଏହି ସମୟରେ ସେ ଭିନ୍ନକ୍ଷମ ଅଧିକାର ଆଇନ-୨୦୧୬ର ସଫଳ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦେବାକୁ ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି ।

*IPR*

# ସାରସ୍ୱତ ସମ୍ମିଳନୀ

ସମାଜକୁ ପରିବର୍ତ୍ତନ କରିବା କ୍ଷେତ୍ରରେ ସାରସ୍ୱତ ସାଧକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି । ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ମହାସଂଘ ଟ୍ରଷ୍ଟର ୨୪ତମ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରି ଶ୍ରୀମତୀ ପାଢ଼ୀ କହିଛନ୍ତି, ସାମାଜିକ ଜୀବନରେ ଅନେକ ପ୍ରସଙ୍ଗ ରହିଛି । ସେଗୁଡ଼ିକ ମଧ୍ୟରେ ଅନେକ ସଂସ୍କାର କିମ୍ବା ପରିବର୍ତ୍ତନର ଆବଶ୍ୟକତା ରହିଛି । ପ୍ରଗତିଶୀଳ ଲେଖକମାନେ ଏହି ପରିବର୍ତ୍ତନର ସୂତ୍ରଧର ବୋଲି ସେ କହିଛନ୍ତି । ମହାସଂଘର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସାହିତ୍ୟ, ସଂସ୍କୃତି ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ୧୮ ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

*Sonepur/R*

# ପୋଷଣ ମାସ

ପୋଷଣ ମାସ ପାଳନ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସଦର ବ୍ଲକ୍‌ଠାରେ ଆଜି ଏକ ଶୋଭାଯାତ୍ରାର

ଆୟୋଜନ କରାଯିବା ସହ ପୋଷଣଯୁକ୍ତ ପୁଷ୍ଟିକାରକ ସାମଗ୍ରୀକୁ ନେଇ ଏକ ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ପ୍ରସୂତୀ ଏବଂ ଶିଶୁଙ୍କର ବୌଦ୍ଧିକ ଓ ଶାରୀରିକ ବିକାଶପାଇଁ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ।

***Ganjam/R***

## ଅନ୍ତଃରାଷ୍ଟ୍ରୀୟ ସ୍ୱଚ୍ଛତା ଦିବସ

ଗଞ୍ଜାମ ଜିଲ୍ଲା ଛତ୍ରପୁରଠାରେ ଅନ୍ତରାଷ୍ଟ୍ରୀୟ ତଟୀୟ ସ୍ୱଚ୍ଛତା ଦିବସ ପାଳିତ ହୋଇଛି । ସ୍କାଉଟ୍ସ୍ ଏବଂ ଏନ୍.ସି.ସି. ଛାତ୍ରଛାତ୍ରୀମାନେ ଅଗସ୍ତି ନୂଆଗାଁ ପଞ୍ଚାୟତର ନୋଳିଆ ନୂଆଗାଁ ସଂଲଗ୍ନ ସମୁଦ୍ର ତଟକୁ ପରିଷ୍କାର କରିଥିଲେ ।

***I&PR***

## ସ୍କ୍ରବ୍ ଟାଇଫସ୍

ସ୍କ୍ରବ ଟାଇଫସ୍ ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ଏବଂ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡାକ୍ତର ବିଜୟ କୁମାର ମହାପାତ୍ରଙ୍କ ଯୁଗ୍ମ

ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ସହ ସ୍କ୍ରବ୍ ଟାଇପସ୍ ରୋଗ ନେଇ ସମୀକ୍ଷା ବୈଠକ ହୋଇଛି । ବୈଠକରେ ସ୍କ୍ରବ୍ ଟାଇପସ୍ ରୋଗ ନେଇ ଜନ ସଚେତନତାକୁ ବ୍ୟାପକ କରିବା ସହ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସୂଚନା ଅନୁସାରେ ଏକପ୍ରକାର କୀଟ କାମୁଡ଼ିବା ଯୋଗୁଁ ସ୍କ୍ରବ୍ ଟାଇଫସ୍ ରୋଗ ହୋଇଥାଏ । ଜ୍ୱର, ମୁଣ୍ଡବିନ୍ଧା, ଶରୀର ପୀଡ଼ା ଆଦି ଏହି ରୋଗର ଲକ୍ଷଣ । ଏହିସବୁ ଲକ୍ଷଣ ଦେଖାଗଲେ ଜିଲ୍ଲା ଜନସ୍ୱାସ୍ଥ୍ୟ ପରୀକ୍ଷାଗାରଗୁଡ଼ିକରେ ଏଲିସା ପଦ୍ଧତିଦ୍ୱାରା ରକ୍ତପରୀକ୍ଷା କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

***Rayagada/R***

# ସ୍ୱଚ୍ଛତା ହିଁ ସେବା

ରାୟଗଡ଼ା ଜିଲ୍ଲା ଝିଲ୍ଲିଗୁଡ଼ାଠାରେ ଅଷ୍ଟମ ବାଟାଲିୟନ୍ ସି.ଆର୍.ପି.ଏଫ୍. ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏଥିରେ ସ୍ୱଚ୍ଛତା ନେଇ ଜନ ସଚେତନତା ସୃଷ୍ଟି ସହ ବିଭିନ୍ନ ଅଞ୍ଚଳରେ ସଫେଇ କାର୍ଯ୍ୟ ହୋଇଥିଲା ।

*Dhenkanal, Boudh, Nayagarh/R*

# ଜିଲ୍ଲା ପରିଷଦ ବୈଠକ

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଜିଲ୍ଲା ପରିଷଦର ସ୍ୱତନ୍ତ୍ର ବୈଠକ ହୋଇଛି । ଢେଙ୍କାନାଳ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ କକ୍ଷରେ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ କାର୍ଯ୍ୟ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ । ଏହି ବୈଠକରେ ନିପୁଣ ଓଡ଼ିଶା ମିଶନର ଲୋଗୋ ଉନ୍ମୋଚିତ ହୋଇଥିଲା ।

ସେହିଭଳି ବୌଦ୍ଧ ଜିଲ୍ଲା ପରିଷଦ ବୈଠକରେ ବିଧାୟକ ସରୋଜ କୁମାର ପ୍ରଧାନ ଯୋଗଦେଇ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ମନରେଗା ଯୋଜନା, ଭୂମି ଉନ୍ନତୀକରଣ, ଅର୍ଥ କମିଶନ ଅନୁଦାନ ପ୍ରକଳ୍ପ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା ।

ନୟାଗଡ଼ ଜିଲ୍ଲା ପରିଷଦର ଅଷ୍ଟମ ବୈଠକରେ ଶିକ୍ଷା, ଜଳସେଚନ, ଗ୍ରାମ ଉନ୍ନୟନ, ଉଦ୍ୟାନ କୃଷି ଆଦି ପାଇଁ ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇଥିବା ଅନୁଦାନର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା ହୋଇଥିଲା ।

***Deogarh/R***

## ବସ୍‌ଷ୍ଟାଣ୍ଡ

ଦେବଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସ୍ଥାନୀୟ ବସ୍‌ଷ୍ଟାଣ୍ଡର ସ୍ଥାନାନ୍ତର ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଯାତ୍ରୀଙ୍କ ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦେବାପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

***Met. O.***

## ପାଣିପାଗ

ଉତ୍ତର-ପଶ୍ଚିମ ଏବଂ ତତ୍‌ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଆସନ୍ତା ସୋମବାର ସୁଦ୍ଧା ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଲଘୁଚାପର ପ୍ରଭାବରେ ରାଜ୍ୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡଘଡ଼ି ସହ ବର୍ଷା ହେବା ନେଇ ୧୨ଟି ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*****